# ଗ୍ରାମୀଣ କୃଷି ମୌସମ ସେବା

## ଭାରତ ପାଣିପାଗ ବିଭାଗ

## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ

## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା



ସଂଖ୍ୟା -୨୩ (ଓଡ଼ିଆ ବୁଲେଟିନ୍) ସପ୍ତାହ -୧୨ ତାରିଖ:୧୯.୦୩.୨୦୨୪


# ସୋନପୁର

ଭାରତ ପାଣିପାଗ ବିଜ୍ଞାନ ବିଭାଗ , ମୌସମ ବିଜ୍ଞାନ କେନ୍ଦ୍ର , ଭୁବନେଶ୍ବର ଅନୁଯାୟୀ ଆସନ୍ତା ସପ୍ତାହର ପ୍ରଥମ ପର୍ଯ୍ୟାୟରେ ସ୍ବଳ୍ପ ବର୍ଷା ହେବାର ପୂର୍ବାନୁମାନ ଅଛି ଏବଂ ଏହି ସମୟ ଅବଧିରେ ଆକାଶ ସାଧାରଣତଃ କିମ୍ବା ପୂର୍ଣତଃ ମେଘାଛନ୍ନ ରହିପାରେ ଏବଂ ପର ଦିନ ଗୁଡ଼ିକରେ ପାଗ ମୁଖ୍ୟତଃ ଶୁଷ୍କ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ସର୍ବୋଚ୍ଚ ତାପମାତ୍ରା ୨୭ ରୁ ୩୫ ଡିଗ୍ରୀ ସେଣ୍ଟିଗ୍ରେଡ ଓ ସର୍ବନିମ୍ନ ତାପମାତ୍ରା ୧୯ ରୁ ୨୨ ଡିଗ୍ରୀ ସେଣ୍ଟିଗ୍ରେଡ ମଧ୍ୟରେ ରହିବାର ସମ୍ଭାବନା ରହିଅଛି। ଆସନ୍ତା ସପ୍ତାହରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୪୪ % ରୁ ୮୧ % ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା ୧୨ % ରୁ ୪୧ % ମଧ୍ୟରେ ରହିବାର ସମ୍ଭାବନା ରହିଅଛି । ଆସନ୍ତା ୫ ଦିନ ମଧ୍ୟରେ ୬ ରୁ ୧୧ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର ପଶ୍ଚିମ, ଉତ୍ତର ପୂର୍ବ, ଦକ୍ଷିଣ ପୂର୍ବ କିମ୍ବା ଦକ୍ଷିଣ ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ରହିଅଛି ।

| ତାରିଖ | 20-03-2024 | 21-03-2024 | 22-03-2024 | 23-03-2024 | 24-03-2024 |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 10 | 5 | 0 | 0 | 0 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 27 | 27 | 33 | 34 | 35 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 19 | 19 | 20 | 22 | 22 |
| ସମ୍ପୂର୍ଣମେଘ ଆବରଣ(ଓକଟା) | 8 | 8 | 0 | 0 | 0 |
| ସର୍ବାଧିକଆପେକ୍ଷିକ ଆଦ୍ରତା (ଶତକଡା %) | 81 | 70 | 45 | 47 | 44 |
| ସର୍ବନିମ୍ନ ଆପେକ୍ଷିକ ଆଦ୍ରତା (ଶତକଡା %) | 22 | 41 | 22 | 17 | 12 |
| ପବନବେଗ (କିମି/ଘଣ୍ଟା ପ୍ରତି) | 11 | 7 | 6 | 8 | 10 |
| ପବନଦିଗ (ଡିଗ୍ରୀ) | 285 | 68 | 161 | 243 | 236 |


ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ


## ସାଧାରଣଉପଦେଶ

- ଆସନ୍ତା ସପ୍ତାହର ପ୍ରଥମ ଦୁଇ ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନାକୁ ଧ୍ୟାନରେ ରଖି ଜଳସେଚନ , ସାର ପ୍ରୟୋଗ ତଥା ଔଷଧର ସିଞ୍ଚନ କାର୍ଯ୍ୟ କିଛି ଦିନ ସ୍ଥଗିତ ରଖିବାକୁ ପରାମର୍ଶ ଦିଆଯାଇଅଛି । ପୂର୍ବ ଦିନ ଗୁଡ଼ିକରେ ହୋଇଥିବା ବର୍ଷାର ସ୍ଥିତିକୁ ଦେଖି ଫଳ ଓ ପନିପରିବା କ୍ଷେତରେ ଜଳ ଜମା ନ ହେବ ପାଇଁ ଅଧିକ ଜଳ ନିଷ୍କାସନର ଉଚିତ ପ୍ରବନ୍ଧ କରିବାକୁ ପରାମର୍ଶ ଦିଆଯାଇଅଛି ।

## ପାଣିପାଗ ଭିତ୍ତିକ କୃଷିଏବଂ ପଶୁପାଳନଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ଡାଲୁଆ ଧାନ | ପିଲଅବସ୍ଥା | ପୂର୍ବ ଦିନ ଗୁଡ଼ିକରେ ହୋଇଥିବା ବର୍ଷାର ସ୍ଥିତିକୁ ଦେଖି ପିଲ ଅବସ୍ଥାରେ ୟୁରିୟା ସାରର ପ୍ରୟୋଗ ପାଇଁ କିଛି ଦିନ ଅପେକ୍ଷା କରିବାକୁ ପରାମର୍ଶ ଦିଆଯାଇଅଛି। ଧାନ ଗଛରେ କାଣ୍ଡ ବିନ୍ଧା ପୋକର ଉପଦ୍ରବ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ କ୍ଲୋରାନଟ୍ରାନିଲିପ୍ରୋଲ ୧୮.୫ ଏସ.ସି. @ ୦.୩ ମିଲିକୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗରେ ଦୁଇ ଦିନ ପରେ ପ୍ରୋୟୋଗ କରିବାକୁ ପରାମର୍ଶ ଦିଆଯାଇଅଛି କାରଣ ଏହା ପରେ ବର୍ଷା ହେବାର ସମ୍ଭାବନା କମ ରହିଅଛି । |
| ମୁଗ (ଖରା ଦିନିଆ) | ବନସ୍ପତି ବିକାଶ | ମୁଗ କ୍ଷେତରେ ଜଉ ପୋକ ଲାଗିବାର ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୦.୩ ମିଲି ଇମିଡାକ୍ଲୋରୋପ୍ରିଡ୍ କିମ୍ବା ୦.୩ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ଏବଂ ସାହେବୀ ରୋଗର ଲକ୍ଷଣ ଯାହାକି ଧଳା ମାଛି ଦ୍ବାରା ବ୍ୟାପିଥାଏ ତେଣୁ ଧଳା ମାଛିର ନିୟନ୍ତ୍ରଣ ପାଇଁ ପ୍ରତି ଏକର ପିଛା ୪୦ ଗ୍ରାମ ଏସିଟାମିପ୍ରିଡକୁ ୨୦୦ ରୁ ୨୫୦ ଲିଟର ପାଣିରେ ମିଶାଇ ଦୁଇ ଦିନ ପରେ ଶୁଷ୍କ ପାଗକୁ ଦେଖି ଖେତରେ ପ୍ରୟୋଗ କରନ୍ତୁ । |

| | | |
|---|---|---|
| ମକା | ବନସ୍ପତି ବିକାସ | ପୂର୍ବ ଦିନ ଗୁଡ଼ିକରେ ହୋଇଥିବା ବର୍ଷା ଏବଂ ଆଗକୁ ହେବାକୁ ଥିବା ବର୍ଷା ସହିତ ପବନର ଗତି ଅଧିକ ରହିବାର ସମ୍ଭାବନାକୁ ଧ୍ୟାନରେ ରଖି ଚାଷୀ ଭାଇ ମାନଙ୍କୁ ମକା ଗଛରେ ସାରର ପ୍ରୟୋଗ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରିବାକୁ ତଥା କ୍ଷେତରୁ ଅଧିକ ଜଳର ନିଷ୍କାସନ ପାଇଁ ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଉଛି । |
| ଆମ୍ବ | ସୋରିଷ ଏବଂ ମଟର ଆକାରର ଫଳ ଅବସ୍ଥା | ଆମ୍ବ ଗଛରେ ଆମ୍ବ ହପରକୁ ନିୟନ୍ତ୍ରଣ କରିବା ପାଇଁ ୧ ଗ୍ରାମ୍ ଏସିଫେଟ କିମ୍ବା ୦.୫ ମିଲି କ୍ଲୋରୋପାଇରିଫସ୍ କିମ୍ବା ୦.୩ ରୁ ୦.୪ ଗ୍ରାମ ଥାଇଓମିଥୋକ୍ସାମକୁ ପ୍ରତି ଲିଟର ପାଣିରେ ମିଶାଇ ଏବଂ ଧଳା ପାଉଡରର ସ୍ତର ଲାଗି ରହିଲା ପରି ରୋଗର ଲକ୍ଷଣ ଦେଖାଗଲେ ଏହାର ନିୟନ୍ତ୍ରଣ ପାଇଁ ୨ ଗ୍ରାମ ଦ୍ରବୀଭୂତ ସଲଫରକୁ ପ୍ରତି ଲିଟର ପାଣିରେ ମିଶାଇ ଦୁଇ ଦିନ ପରେ ଆକାଶ ସଫା ଥିବା ସମୟରେ ଗଛରେ ପ୍ରୟୋଗ କରନ୍ତୁ । ଯଦି ଆମ୍ବ ଗଛରେ ଫଳ ସୋରିଷ ଆକାରର ହୋଇଗଲାଣି ସେଥିରେ ୨ ପ୍ରତିଶତ KNO3 ର ପ୍ରୟୋଗ କରିପାରିବେ କାରଣ ଏହା ଆଗକୁ ଫଳର ଆକାର ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଆମ୍ବ ଗଛରେ ଯଦି ଫଳ ମଟର ଦାନା ଆକାରର ହୋଇଯାଇଛି ସେଥିରେ ଫଳ ଝଡିବା କମ କରିବା ପାଇଁ ପ୍ଲାନୋଫିକ୍ସ @ ୧ ମିଲି ପ୍ରତି ୪.୫ ଲିଟର ପାଣି ହିସାବରେ ପ୍ରୟୋଗ କରନ୍ତୁ । ହରମୋନ ଏବଂ କୀଟମରା ଔଷଧର ପ୍ରୟୋଗ ଏକା ସମୟରେ କରନ୍ତୁ ନାହିଁ ଓ ଏହାର ସିଞ୍ଚନରେ ଗୋଟେ ସପ୍ତାହର ବ୍ୟବଧାନ ରଖନ୍ତୁ । ଆମ୍ବ ଗଛ ମୂଳରେ ପଣି ଜମା ହେବାକୁ ଦିଅନ୍ତୁ ନାହିଁ । |
| ପନିପରିବା | ବନସ୍ପତି ବିକାସ, ଫୁଲ ଓ ଫଳ ଅବସ୍ଥା | ପ୍ରଚଳିତ ବର୍ଷା ସହିତ ଅଧିକ ଗତିରେ ପବନ ବହିବାର ସ୍ଥିତିକୁ ଧ୍ୟାନରେ ରଖି ପନିପରିବା ଗଛରେ ଜଳ ସେଚନ କାର୍ଯ୍ୟ ସ୍ଥଗିତ ରଖନ୍ତୁ ଏବଂ ଔଷଧର ସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ । ବର୍ଷା ଯୋଗୁଁ ଯଦି କ୍ଷେତରେ ଜଳ ଜମା ହେବ ପରି ସ୍ଥିତି ଉପୁଜେ ତ'ହେଲେ ଅଧିକ ଜଳର ନିଷ୍କାସନ ପାଇଁ ଉଚିତ ବ୍ୟବସ୍ଥା କରିବାକୁ ପରାମର୍ଶ ଦିଆଯାଇଅଛି । |
| ଗାଈ ଓ ମଇଷି | ପଶୁମାନଙ୍କୁ ନିୟମିତ ତାଜା ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ ଯୋଗେଇବାର ବ୍ୟବସ୍ଥା କରନ୍ତୁ । ସେମାନଙ୍କୁ ଛାଇ ରେ ରଖନ୍ତୁ ଓ ବିଜୁଳି ମାରିବାର ସମ୍ଭାବନା ଥିବା ସମୟରେ ଚରାଇବାକୁ ବାହାରକୁ ଛାଡନ୍ତୁ ନାହିଁ କିମ୍ବା କାମରେ ଲଗାନ୍ତୁ ନାହିଁ । ବର୍ଷା ଓ ଘଡ଼ଘଡ଼ି ସମୟରେ ଗୁହାଳର ଭିତରେ କିଛି ଭି ବିଦ୍ୟୁତପୋକରଣ ରଖନ୍ତୁ ନାହିଁ । ଗୁହାଳ ଘରେ ବର୍ଷା ଜଳ ନ ପଶିବା ପାଇଁ ଉଚିତ ବ୍ୟବସ୍ଥା କରନ୍ତୁ। | |


| | |
|---|---|
| **Ms. Jubuli Sahu**<br>**Junior Agrometeorologist,**<br>**AMFU, RRTTS, Chiplima** | **Dr. Sanjukta Mohapatra**<br>**ADR cum Nodal Officer**<br>**RRTTS, Chiplima** |


---

- କୃଷି ରେ ଉତ୍ତମ ଲାଭ ପାଇଁ , **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ , ଫଳ ଓ ପନିପରିବା , ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ।
- ଭାରତ ପାଣିପାଗ ବିଭାଗ ର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ର ବ୍ୟବହାର କରିପାରିବେ।